# ଜଙ୍ଗଲ ଅଧିକାର କମିଟିର କାର୍ଯ୍ୟ ଓ ଦାବୀ ଯାଞ୍ଚ ପ୍ରକ୍ରିୟା

## ସୂଚୀପତ୍ରଃ


☞ ଜଙ୍ଗଲ ଅଧିକାର କମିଟି କ'ଣ ? କେତେ ଜଣ ସଦସ୍ୟ/ସଦସ୍ୟାଙ୍କୁ ନେଇ ଏହି କମିଟି ଗଠିତ ହୋଇପାରିବ ?

☞ ଜଙ୍ଗଲ ଅଧିକାର କମିଟିର କାର୍ଯ୍ୟ କ'ଣ ?

☞ ଦାବୀ ଯାଞ୍ଚ କିଏ କରିବ ଓ ତାହାର ପ୍ରକ୍ରିୟା କ'ଣ ?

☞ ଯଦି କୌଣସି ଗାଁର ଗୋଷ୍ଠୀ ବନ ସଂପଦ ଅନ୍ୟ ଗାଁର ସୀମା ମଧ୍ୟରେ ଅଛି ଅବା କୌଣସି ଜଙ୍ଗଲ ସଂପଦକୁ ଏକାଧିକ ଗାଁର ଲୋକମାନେ ବ୍ୟବହାର କରୁଛନ୍ତି ଅବା କୌଣସି ଗାଁର ପାରମ୍ପରିକ ସୀମା ସରହଦ ଅନ୍ୟ ଗାଁର ସୀମାକୁ ଅତିକ୍ରମ କରୁଛି ଅବା ଜଙ୍ଗଲ ସଂପଦ ଅବା ସୀମାକୁ ନେଇ ବାଦବିବାଦ ରହିଛି ସେଠାରେ କିପରି ଯାଞ୍ଚ ପ୍ରକ୍ରିୟା ହେବ ?

☞ ଯଦି ମିଳିତ ବୈଠକରେ ବିବାଦିତ ଗ୍ରାମର ସଦସ୍ୟମାନେ ଜାଣିଶୁଣି ଯୋଗ ଦେଉନାହାନ୍ତି, ସେପରି କ୍ଷେତ୍ରରେ କ'ଣ କରାଯିବ ?

☞ ଦାବୀ ଯାଞ୍ଚ ସମୟରେ ଦାବୀଦାରଙ୍କ ଉପସ୍ଥିତି ଜରୁରୀ କି ?

☞ "ଯାଞ୍ଚର ଯଥେଷ୍ଟ ସମୟ/ଅବଧି ପୂର୍ବରୁ ଦାବୀଦାର ଓ ବନବିଭାଗକୁ ଲିଖିତ ଭାବେ ସୂଚିତ କରିବା"- ଏଥିରେ ବର୍ଣ୍ଣିତ "ଯଥେଷ୍ଟ ସମୟ/ଅବଧି" କହିଲେ କ'ଣ ?

☞ ପ୍ରାଥମିକ ବିବରଣୀ କ'ଣ ଓ ଏହାକୁ କିପରି ଓ କାହିଁକି ପ୍ରସ୍ତୁତ କରାଯିବ ?


## ସାରଣୀଃ


☞ ଜଙ୍ଗଲ ଅଧିକାର ଦାବୀର ରେଜିଷ୍ଟର



Note is Prepared by FRA Facilitating and Monitoring Cell, VASUNDHARA, Bhubaneswar
for Public Awareness on various provisions of Forest Rights Act 2006 and Rule 2007

## ☞ଜଙ୍ଗଲ ଅଧିକାର କମିଟି କ'ଣ ? କେତେ ଜଣ ସଦସ୍ୟ/ସଦସ୍ୟାଙ୍କୁ ନେଇ ଏହି କମିଟି ଗଠିତ ହୋଇପାରିବ ?

ଜଙ୍ଗଲ ଅଧିକାର କମିଟି କହିଲେ, 'ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ (ଜଙ୍ଗଲ ଅଧିକାର ସ୍ୱୀକୃତି) ନିୟମ ୨୦୦୭ ଅନ୍ତର୍ଗତ ଧାରା ୩ (୧) ଅନୁସାରେ ଅନୁଷ୍ଠିତ ହୋଇଥିବା ପଲ୍ଲୀସଭା ବୈଠକରେ ଉପସ୍ଥିତ ଥିବା ସମସ୍ତ ସାବାଳକମାନଙ୍କ ଦ୍ୱାରା ନିର୍ବାଚିତ ଅବା ମନୋନୀତ ଅବା ଚୟନ ହୋଇଥିବା ଏକ କମିଟି ।

ଅତିକମ୍‌ରେ ୧୦ ଓ ଅତିବେଶୀରେ ୧୫ ଜଣ ପଲ୍ଲୀସଭାର ସଦସ୍ୟଙ୍କୁ ନେଇ ଏହି କମିଟି ଗଠିତ ହେବ । ଗଠିତ କମିଟିରେ କେତେଜଣ ଆଦିବାସୀ ଓ ମହିଳା ରହିବେ, ସେ ସଂପର୍କରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ନିୟମ ୨୦୦୭ରେ ଉଲ୍ଲେଖ କରାଯାଇଅଛି । ସେଥିରେ ଲେଖାଯାଇଛି ଯେ,

- ପଲ୍ଲୀସଭା ଦ୍ୱାରା ନିର୍ବାଚିତ ଅବା ମନୋନୀତ ହୋଇଥିବା ଜଙ୍ଗଲ ଅଧିକାର କମିଟିର ମୋଟ ପ୍ରତିନିଧିଙ୍କ ସଂଖ୍ୟାର -

  ୧. **ଏକ-ତୃତୀୟାଂଶ ଅନୁସୂଚିତ ଜନଜାତି (ଆଦିବାସୀ) ହୋଇଥିବା ଦରକାର ।**

  ୨. **ପୁନଶ୍ଚ ନିର୍ବାଚିତ ଅବା ମନୋନୀତି ପ୍ରତିନିଧିଙ୍କ ମଧ୍ୟରୁ ଅତିକମ୍‌ରେ ଏକ-ତୃତୀୟାଂଶ ମହିଳା ହୋଇଥିବା ଦରକାର ।**

  ୩. **ଯେଉଁଠାରେ ଆଦିବାସୀ ନାହାନ୍ତି, ତାହାହେଲେ ମୋଟ ନିର୍ବାଚିତ ଅବା ମନୋନୀତି ପ୍ରତିନିଧିର ଏକ-ତୃତୀୟାଂଶ ମହିଳା ହୋଇଥିବା ଦରକାର ।**

  ୪. **ଯଦି କୌଣସି ଗ୍ରାମରେ ଆଦିମ ଆଦିବାସୀ ସଂପ୍ରଦାୟର ଲୋକ ଥାଆନ୍ତି, ସେମାନଙ୍କର ପ୍ରତିନିଧିତ୍ୱ ମଧ୍ୟ ରହିବ ।**

## ☞ଜଙ୍ଗଲ ଅଧିକାର କମିଟିର କାର୍ଯ୍ୟ କ'ଣ ?

ଜଙ୍ଗଲ ଅଧିକାର କମିଟିର କାର୍ଯ୍ୟ ସଂପର୍କରେ "'ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ (ଜଙ୍ଗଲ ଅଧିକାର ସ୍ୱୀକୃତି) ନିୟମ ୨୦୦୭ ଅନ୍ତର୍ଗତ ଧାରା ୧୧ (୨) ଓ (୪) ରେ ଉଲ୍ଲେଖ କରାଯାଇଅଛି । ତନ୍ମଧ୍ୟରୁ ପ୍ରମୁଖ କାର୍ଯ୍ୟଗୁଡ଼ିକ ହେଉଛି:

- **ଦାବୀଦାର୍‌ମାନଙ୍କ ଠାରୁ ଦାବୀପତ୍ର/ଅଭିଯୋଗ ପତ୍ର ଗ୍ରହଣ କରିବା ।**
- **ଦାବୀପତ୍ର/ଅଭିଯୋଗପତ୍ରକୁ ଯାଞ୍ଚ କରିବା । (ଏଠାରେ ଯାଞ୍ଚ କରିବା ଅର୍ଥ ହେଉଛି, ଦାବୀଦାର୍ ନିୟମ ୨୦୦୭ରେ ସଂଲଗ୍ନ କରାଯାଇଥିବା ଫର୍ମକୁ ସଠିକ୍‌ଭାବେ ପୂରଣ କରିଛି ନା ନାହିଁ**

ତାହାକୁ ଦେଖିବା ସହ ନିୟମ ୨୦୦୭ର ୧୧(୧)(କ) ଅନୁସାରେ ଅତିକମ୍‌ରେ ଦୁଇଟି ସାକ୍ଷ୍ୟ ବା ପ୍ରମାଣପତ୍ର ଦାବୀପତ୍ର ସହ ସଂଯୋଗ କରିଛି ନା ନାହିଁ, ତାହାକୁ ମଧ୍ୟ ତଦାରଖ କରିବା ।)

- ଦାବୀଦାର୍‌ମାନଙ୍କୁ ପ୍ରାପ୍ତି ସ୍ୱୀକାର ରସିଦ୍ ପ୍ରଦାନ କରିବା ।
- ଦାବୀଦାର୍‌ମାନଙ୍କ ଠାରୁ ଗ୍ରହଣ କରାଯାଇଥିବା ଦାବୀପତ୍ରରେ ଥିବା ତଥ୍ୟକୁ ଆଧାର କରି ଏକ ପ୍ରାଥମିକ ବିବରଣୀ ପ୍ରସ୍ତୁତ କରିବା (ପ୍ରାଥମିକ ବିବରଣୀ ଏକ ନକଲ ସଂଲଗ୍ନ କରାଯାଇଅଛି)
- ନିୟମ ୨୦୦୭ର ୧୨ରେ ଉଲ୍ଲେଖିତ ପ୍ରକ୍ରିୟାନୁଯାୟୀ ଦାବୀଗୁଡ଼ିକର କ୍ଷେତ୍ରୀୟ/ତୃଣମୂଳସ୍ତରରେ ଯାଞ୍ଚ କରିବା
- ଗ୍ରାମସଭା ତରଫରୁ ଗୋଷ୍ଠୀଗତ ଅଧିକାର ଚିହ୍ନଟ କରିବା ଓ ନିୟମ ୨୦୦୭ରେ ପ୍ରଦତ୍ତ ଫର୍ମ 'ଖ'କୁ ପୂରଣ କରିବା ଓ ତତ୍‌ସମ୍ପର୍କୀତ ସାକ୍ଷ୍ୟ ବା ପ୍ରମାଣପତ୍ର ଯୋଗାଡ଼ କରିବା
- ଦାବୀ ଯାଞ୍ଚ ପ୍ରକ୍ରିୟାରେ ଆସିଥିବା ତଥ୍ୟକୁ ଆଧାର କରି ଏକ ବିବରଣୀ ପ୍ରସ୍ତୁତ କରିବା ।
- ଉଭୟ ବିବରଣୀକୁ (ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଅଧିକାର)ଗ୍ରାମସଭାର ବିଚାର ନିମନ୍ତେ ଉପସ୍ଥାପନ କରିବା ଓ ଗ୍ରାମସଭାର ମତାମତକୁ ଆଧାର କରି ପୂର୍ଣ୍ଣାଙ୍ଗ ବିବରଣୀ ପ୍ରସ୍ତୁତ କରି ଗ୍ରାମସଭାରେ ଗୃହୀତ କରିବା ।

## ☞ଦାବୀ ଯାଞ୍ଚ କିଏ କରିବ ଓ ତାହାର ପ୍ରକ୍ରିୟା କ'ଣ ?

ଦାବୀଦାର୍‌ମାନେ ନିୟମ ୨୦୦୭ରେ ପ୍ରଦତ୍ତ ଫର୍ମକୁ ପୂରଣ କରି ଦେବା ପରେ, ଫର୍ମରେ ଉଲ୍ଲେଖି କରାଯାଇଥିବା ସୂଚନା ବା ତଥ୍ୟ ଓ ପ୍ରମାଣପତ୍ରକୁ ଆଧାର କରି ଜଙ୍ଗଲ ଅଧିକାର କମିଟି ଯାଞ୍ଚ କରିବ । ଯାଞ୍ଚ ସମୟରେ ଜଙ୍ଗଲ ଅଧିକାର କମିଟିର ସଦସ୍ୟମାନେ ଉପସ୍ଥିତ ରହିବା ଅର୍ନିବାର୍ଯ୍ୟ ।

ଦାବୀ ଯାଞ୍ଚର ପ୍ରକ୍ରିୟା ସମ୍ବନ୍ଧରେ ଜଙ୍ଗଲ ଅଧିକାର ସ୍ୱୀକୃତି ନିୟମ ୨୦୦୭ର ୧୧(୨) (ଖ) (ଗ), ୧୨ରେ ଉଲ୍ଲେଖି କରାଯାଇଅଛି । ଉକ୍ତ ପ୍ରକ୍ରିୟାର ଏକ ସାରମର୍ମ ନିମ୍ନରେ ଉପସ୍ଥାପନ କରାଯାଇଅଛି:-

୧. ଦାବୀଦାର୍‌ମାନଙ୍କ ଠାରୁ ଗ୍ରହଣ କରାଯାଇଥିବା ଦାବୀପତ୍ରରେ ଥିବା ତଥ୍ୟକୁ ଆଧାର କରି ଏକ ପ୍ରାଥମିକ ବିବରଣୀ ପ୍ରସ୍ତୁତ କରିବା (ପ୍ରାଥମିକ ବିବରଣୀ ଏକ ନକଲ ସଂଲଗ୍ନ କରାଯାଇଅଛି)

୨. ନିୟମ ୨୦୦୭ର ୧୨ରେ ଉଲ୍ଲେଖିତ ପ୍ରକ୍ରିୟାନୁଯାୟୀ ଦାବୀଗୁଡ଼ିକର କ୍ଷେତ୍ରୀୟ/ତୃଣମୂଳସ୍ତରରେ ଯାଞ୍ଚ କରିବାର ପ୍ରକ୍ରିୟା ନିମ୍ନମତେ ହେବ:-

  - ଯାଞ୍ଚର ଯଥେଷ୍ଟ ସମୟ/ଅବଧି ପୂର୍ବରୁ ଦାବୀଦାର ଓ ବନବିଭାଗକୁ ଲିଖିତ ଭାବେ ସୂଚିତ କରିବା
  - ଦାବୀଦାର୍‌ମାନଙ୍କ ଠାରୁ ଗ୍ରହଣ କରାଯାଇଥିବା ଦାବୀପତ୍ରରେ ଥିବା ତଥ୍ୟକୁ ଆଧାର କରି ଏକ ପ୍ରାଥମିକ ବିବରଣୀ ପ୍ରସ୍ତୁତ କରିବା

- ସୂଚିତ କରାଯାଇଥିବା ତାରିଖରେ ସ୍ଥାନ ପରିଦର୍ଶନ କରିବା ଓ ଫର୍ମରେ ପ୍ରଦତ୍ତ ସୂଚନାକୁ ଆଧାର କରି ଯାଞ୍ଚ କରିବା
- ଆବଶ୍ୟକସ୍ଥଳେ ଦାବୀଦାରଙ୍କ ଠାରୁ ଅଧିକ ସୂଚନା ବା ତଥ୍ୟ ସଂଗ୍ରହ କରିବା ଅବା ସାକ୍ଷ୍ୟଙ୍କ ସହ ଆଲୋଚନା କରିବା
- ଉକ୍ତ ସ୍ଥାନର ଅବସ୍ଥିତି, ପରିମାଣ ଆଦିକୁ ଆଧାର କରି ନକ୍ସା ପ୍ରସ୍ତୁତ କରିବା
- ଦାବୀ ଯାଞ୍ଚ ପ୍ରକ୍ରିୟାରେ ଆସିଥିବା ତଥ୍ୟକୁ ଆଧାର କରି ଏକ ବିବରଣୀ ପ୍ରସ୍ତୁତ କରିବା
- ଗ୍ରାମସଭା ତରଫରୁ ଗୋଷ୍ଠୀଗତ ଅଧିକାର ଚିହ୍ନଟ କରିବା ଓ ନିୟମ ୨୦୦୭ରେ ପ୍ରଦତ୍ତ ଫର୍ମ 'ଖ'କୁ ପୂରଣ କରିବା ଓ ତତ୍‌ସମ୍ପର୍କୀତ ସାକ୍ଷ୍ୟ ବା ପ୍ରମାଣପତ୍ର ଯୋଗାଡ଼ କରିବା ଓ ତତ୍‌ସଂମ୍ପର୍କୀତ ନକ୍ସା ପ୍ରସ୍ତୁତ କରିବା
- ଉଭୟ ବିବରଣୀକୁ (ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଅଧିକାର)ଗ୍ରାମସଭାର ବିଚାର ନିମନ୍ତେ ଉପସ୍ଥାପନ କରିବା ଓ ଗ୍ରାମସଭାର ମତାମତକୁ ଆଧାର କରି ପ୍ରଥମ ଚିଠା ବିବରଣୀ ପ୍ରସ୍ତୁତ କରିବା
- ଉକ୍ତ ଚିଠା ବିବରଣୀକୁ ଜଙ୍ଗଲ ଅଧିକାର ନିୟମ ୨୦୦୭ର ୪ (ଗ – ଇଂରାଜୀରେ C) ଅନୁସାରେ ଉକ୍ତ ଚିଠା ବିବରଣୀକୁ ଇଚ୍ଛୁକ ବ୍ୟକ୍ତି ଅବା ପ୍ରଭାବିତ ହେଉଥିବା ବ୍ୟକ୍ତି ଅବା ସଂପୃକ୍ତ ଅନୁଷ୍ଠାନକୁ ଅବଗତ କରାଇବା ଓ ସେମାନଙ୍କର ମତାମତ ଶୁଣାଣୀ ପାଇଁ ସୁଯୋଗ ଦେବା
- ତତ୍‌ପରେ ଆସିଥିବା ମତାମତକୁ ଆଧାର କରି ମୂଳ ବିବରଣୀରେ ସଂଶୋଧନ ଅବା ପରିବର୍ତ୍ତନ କରିବା ଅବା ବିନା ପରିବର୍ତ୍ତନରେ ସେହି ଚିଠା ବିବରଣୀକୁ ପୂର୍ଣ୍ଣାଙ୍ଗ କରି ଗ୍ରାମସଭାରେ ଗୃହୀତ କରିବା
- ଗୃହୀତ ବିବରଣୀକୁ ଉପ-ଖଣ୍ଡସ୍ତରୀୟ କମିଟିର ବିଚାର ନିମନ୍ତେ ପ୍ରେରଣ କରିବା ।

ଜଙ୍ଗଲ ଅଧିକାର କମିଟିର କୌଣସି ସଦସ୍ୟା/ସଦସ୍ୟ ଯଦି ସେ ନିଜେ ଜଣେ ଦାବୀଦାର୍ ହୋଇଥାଆନ୍ତି ଅବା ତାଙ୍କ ସ୍ତ୍ରୀ ଅବା ସ୍ୱାମୀ (ମହିଳା ସଦସ୍ୟା ହୋଇଥିଲେ, ତାଙ୍କ ସ୍ୱାମୀ ଯଦି ଜଣେ ଦାବୀଦାର୍ ଥାଆନ୍ତି ଅବା ପୁରୁଷ ସଦସ୍ୟା ହୋଇଥିଲେ, ତାଙ୍କ ସ୍ତ୍ରୀ ଯଦି ଜଣେ ଦାବୀଦାର୍ ଥାଆନ୍ତି), ତାହାହେଲେ ଯାଞ୍ଚ ଦିନ ସେ ଚଙ୍ଗଲ ଅଧିକାର କମିଟିକୁ ଜଣାଇବେ ଓ ଯାଞ୍ଚ ପ୍ରକ୍ରିୟାରେ ସାମିଲ୍ ହୋଇପାରିବେ ନାହିଁ ।

---

**ଉପରୋକ୍ତ ପ୍ରକ୍ରିୟାଟି ସେହି ଗ୍ରାମ ପାଇଁ ଲାଗୁ ଯେଉଁଠାରେ ଗୋଷ୍ଠୀ ବନ ସମ୍ପଦ ଅବା ପାରମ୍ପାରିକ ସୀମା ଉକ୍ତ ଗ୍ରାମ ମଧ୍ୟରେ ସୀମିତ ହୋଇ ରହିଛି ଓ ଅନ୍ୟକୌଣସି ଗାଁର ସରହଦକୁ ଉଲଙ୍ଘନ କରୁନାହିଁ ଅବା କୌଣସି ଗ୍ରାମ ସହ ବାଦବିବାଦ ନାହିଁ ।**

---

## ☞ଯଦି କୌଣସି ଗାଁର ଗୋଷ୍ଠୀ ବନ ସଂପଦ ଅନ୍ୟ ଗାଁର ସୀମା ମଧ୍ୟରେ ଅଛି ଅବା କୌଣସି ଜଙ୍ଗଲ ସଂପଦକୁ ଏକାଧିକ ଗାଁର ଲୋକମାନେ ବ୍ୟବହାର କରୁଛନ୍ତି ଅବା କୌଣସି ଗାଁର ପାରମ୍ପରିକ ସୀମା ସରହଦ ଅନ୍ୟ ଗାଁର ସୀମାକୁ ଅତିକ୍ରମ କରୁଛି ଅବା ଜଙ୍ଗଲ ସଂପଦ ଅବା ସୀମାକୁ ନେଇ ବାଦବିବାଦ ରହିଛି ସେଠାରେ କିପରି ଯାଞ୍ଚ ପ୍ରକ୍ରିୟା ହେବ ?

- ଯଦି କୌଣସି ଗାଁର ଗୋଷ୍ଠୀ ବନ ସଂପଦ ଅନ୍ୟ ଗାଁର ସୀମା ମଧ୍ୟରେ ଅଛି ଅବା କୌଣସି ଜଙ୍ଗଲ ସଂପଦକୁ ଏକାଧିକ ଗାଁର ଲୋକମାନେ ବ୍ୟବହାର କରୁଛନ୍ତି ଅବା କୌଣସି ଗାଁର ପାରମ୍ପରିକ ସୀମା ସରହଦ ଅନ୍ୟ ଗାଁର ସୀମାକୁ ଅତିକ୍ରମ କରୁଛି ଅବା ଜଙ୍ଗଲ ସଂପଦ ଅବା ସୀମାକୁ ନେଇ ବାଦବିବାଦ ରହିଛି ସେଠାରେ, ଜଙ୍ଗଲ ଅଧିକାର ନିୟମ ୨୦୦୭ର ୧୧ (ଖ), ୧୨ (ଘ) ଓ ୪ (ଗ)ରେ ଉଲ୍ଲେଖିତ ଥିବା ପ୍ରକ୍ରିୟାନୁଯାୟୀ କାର୍ଯ୍ୟ ହେବ ।

- ଜଙ୍ଗଲ ଅଧିକାର ନିୟମ ୨୦୦୭ର ୧୧ (ଖ), ୧୨ (ଘ) ଓ ୪ (ଗ)ରେ ଉଲ୍ଲେଖିତ ଥିବା ପ୍ରକ୍ରିୟାକୁ ନିମ୍ନରେ ଉପସ୍ଥାପନ କରାଯାଇଅଛି:-

  - ***ଜଙ୍ଗଲ ଅଧିକାର ନିୟମ ୨୦୦୭ର ୧୧ (ଖ)***ରେ ଉଲ୍ଲେଖ କରାଯାଇଅଛି ଯେ, ଯଦି କୌଣସି ଗାଁର ଗୋଷ୍ଠୀ ବନ ସଂପଦ ଅନ୍ୟ କୌଣସି ଗାଁ ଅବା ଏକାଧିକ ଗାଁର ସୀମାକୁ ଅତିକ୍ରମ କରୁଅଛି, ତେବେ ସେ କ୍ଷେତ୍ରରେ ଯେଉଁ ସମସ୍ତ ଗ୍ରାମର ସୀମାକୁ ଅତିକ୍ରମ କରୁଅଛି, ତେବେ ମୂଳ ଗ୍ରାମସଭା ତରଫରୁ ସୀମା ଅତିକ୍ରମ ହୋଇଥିବା ସମସ୍ତ ଗ୍ରାମସଭା (ଯଦି ସୀମା ଏକାଧିକ ଗ୍ରାମର ସୀମାକୁ ଅତିକ୍ରମ କରିଥାଏ) ଓ ଉପ-ଖଣ୍ଡସ୍ତରୀୟ କମିଟିକୁ ସୀମା ନିର୍ଦ୍ଧାରଣ କରିବା ପୂର୍ବରୁ ଲିଖିତ ଭାବେ ସୂଚିତ କରିବେ ।

  - ***ଜଙ୍ଗଲ ଅଧିକାର ନିୟମ ୨୦୦୭ର ୧୨ (ଘ)***ରେ ଉଲ୍ଲେଖ କରାଯାଇଅଛି ଯେ, ଯଦି କୌଣସି ଗାଁର ପାରମ୍ପରିକ ସୀମା ସରହଦକୁ ନେଇ ବାଦବିବାଦ ରହିଛି ଅବା ଗୋଟିଏ ଜଙ୍ଗଲକୁ ଏକାଧିକ ଗ୍ରାମର ଅଧିବାସୀମାନେ ବ୍ୟବହାର କରୁଛନ୍ତି ଓ ତାହାକୁ ନେଇ ବାଦବିବାଦ ରହିଛି, ତେବେ ସେ କ୍ଷେତ୍ରରେ ସଂପୃକ୍ତ ଗ୍ରାମଗୁଡ଼ିକର ଜଙ୍ଗଲ ଅଧିକାର କମିଟିର ସଦସ୍ୟମାନେ ଏକାଠି ହୋଇ ସମାଧାନର ପନ୍ଥା ନିର୍ଣ୍ଣୟ କରିବେ ଓ ସମାଧାନର ପନ୍ଥାକୁ ନିଜ ନିଜ ଗ୍ରାମର ଗ୍ରାମସଭାରେ ଲିଖିତ ଭାବେ ଉପସ୍ଥାପନ କରିବେ ।

  - ଉପରୋକ୍ତ ବୈଠକ ନିମନ୍ତେ ମୂଳ ଗ୍ରାମର ଜଙ୍ଗଲ ଅଧିକାର କମିଟି ତରଫରୁ ବାଦବିବାଦ ଥିବା ଗ୍ରାମର ଜଙ୍ଗଲ ଅଧିକାର କମିଟିକୁ ଚିଠି ମାଧ୍ୟମରେ ଜଣାଇବାକୁ ପଡ଼ିବ ।

  - ଉକ୍ତ ଚିଠିରେ ମିଳିତ ବୈଠକର ତାରିଖ ଓ ସ୍ଥାନ ସ୍ପଷ୍ଟ ରୂପେ ଉଲ୍ଲେଖ ହେବା ଦରକାର ।

  - ଯଦି ସମସ୍ୟାର ସମାଧାନ ନ ହୋଇପାରେ, ତେବେ ଗ୍ରାମସଭା ଉକ୍ତ ସମସ୍ୟାର ସମାଧାନ ନିମନ୍ତେ ଉପ-ଖଣ୍ଡସ୍ତରୀୟ କମିଟିକୁ ପଠାଇଦେବେ ।

  - ଜଙ୍ଗଲ ଅଧିକାର ନିୟମ ୨୦୦୭ର ୬ (ଚ) ଅନୁସାରେ ଉପ-ଖଣ୍ଡସ୍ତରୀୟ କମିଟି ଉକ୍ତ ବିବାଦର ସମାଧାନ ନିମନ୍ତେ ପଦକ୍ଷେପ ନେବେ ।

**ଉପରୋକ୍ତ ପ୍ରକ୍ରିୟାଟି ସେହି ଗ୍ରାମ ପାଇଁ ଲାଗୁ ଯେଉଁଠାରେ ଗୋଷ୍ଠୀ ବନ ସଂପଦ ଅବା ପାରମ୍ପାରିକ ସୀମା ଅବା ଜଙ୍ଗଲକୁ ନେଇ ବାଦବିବାଦ ରହିଛି ।**

### ☞ଯଦି ମିଳିତ ବୈଠକରେ ବିବାଦିତ ଗ୍ରାମର ସଦସ୍ୟମାନେ ଜାଣିଶୁଣି ଯୋଗ ଦେଉନାହାନ୍ତି, ସେପରି କ୍ଷେତ୍ରରେ କ'ଣ କରାଯିବ ?

- ଏପରି କ୍ଷେତ୍ରରେ, ପ୍ରଥମେ ମୂଳ ଗ୍ରାମ ଆଉ ଏକ ବା ଅଧିକ ଚିଠି ମାଧ୍ୟମରେ ପୁନଃ ଏକ ତାରିଖ ନିର୍ଦ୍ଧାରଣ କରି ମିଳିତ ବୈଠକ ଆହ୍ୱାନ କରିପାରେ ଅବା, ଜଙ୍ଗଲ ଅଧିକାର ନିୟମ ୨୦୦୭ର ୧୨(୩) ଅନୁସାରେ ଉପ-ଖଣ୍ଡସ୍ତରୀୟ କମିଟିକୁ ସମସ୍ୟାର ସମାଧାନ ନିମନ୍ତେ ଲିଖିତ ଭାବେ ଜଣାଇ ଦେଇପାରନ୍ତି ।

### ☞ଦାବୀ ଯାଞ୍ଚ ସମୟରେ ଦାବୀଦାରଙ୍କ ଉପସ୍ଥିତି ଜରୁରୀ କି ?

ଦାବୀ ଯାଞ୍ଚ ସମୟରେ ଦାବୀଦାରଙ୍କ ଉପସ୍ଥିତି ଅତ୍ୟନ୍ତ ଜରୁରୀ ଅଟେ । ସେହିପରି କୌଣସି ପଶୁପାଳକ ଗୋଷ୍ଠୀ ଅବା ଯାଯାବର ସଂପ୍ରଦାୟ ଅବା ଆଦିମ ଅଧିବାସୀ ଅବା ପ୍ରାକ୍-କୃଷିଜୀବିମାନଙ୍କ ଗୋଷ୍ଠୀଗତ ଅଧିକାର ନିର୍ଣ୍ଣୟ ସମୟରେ ସେମାନେ ଅବା ସେମାନଙ୍କ ପାରମ୍ପରିକ ଗୋଷ୍ଠୀ ଅନୁଷ୍ଠାନର ପ୍ରତିନିଧି ଉପସ୍ଥିତ ରହିବା ଆବଶ୍ୟକ ।

### ☞ "ଯାଞ୍ଚର ଯଥେଷ୍ଟ ସମୟ/ଅବଧି ପୂର୍ବରୁ ଦାବୀଦାର ଓ ବନବିଭାଗକୁ ଲିଖିତ ଭାବେ ସୂଚିତ କରିବା"- ଏଥିରେ ବର୍ଣ୍ଣିତ "ଯଥେଷ୍ଟ ସମୟ/ଅବଧି" କହିଲେ କ'ଣ ?

ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନ୍ ୨୦୦୬ ଅବା ଜଙ୍ଗଲ ଅଧିକାର ସ୍ୱୀକୃତି ନିୟମ ୨୦୦୭ରେ ଏହା ସଂପର୍କରେ କୌଣସି ସ୍ପଷ୍ଟ ସୂଚନା ନାହିଁ । ଏହାକୁ ରାଜ୍ୟସ୍ତରୀୟ ପରିଚାଳନା କମିଟି ଅବା ଆଦିବାସୀ ଉନ୍ନୟନ ବିଭାଗ ସ୍ପଷ୍ଟତା କରିବା ଦରକାର । ଆପଣ ଏ ସଂପର୍କରେ ତଫସିଲ୍‌ଭୁକ୍ତ ଜନଜାତି ଓ ତଫସିଲ୍‌ଭୁକ୍ତ ଜାତି ଉନ୍ନୟନ ବିଭାଗର ସଚିବ ଏବଂ କମିଶନର୍ ଅବା ଜିଲ୍ଲାସ୍ତରରେ ଥିବା ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରନ୍ତୁ । ଅବା ଗ୍ରାମସଭା ବୈଠକ ନିମନ୍ତେ ୧୫ ଦିନିଆ ନୋଟିସ୍ ଜାରି କରିବା ବ୍ୟବସ୍ଥାକୁ ମଧ୍ୟ ଏଠାରେ ଲାଗୁ କରିପାରିବେ । ମନେରଖନ୍ତୁ, ଏ ସଂପର୍କରେ ଉଭୟ ଆଇନ୍ ଓ ନିୟମରେ କିଛି ଉଲ୍ଲେଖ ନାହିଁ । ଯଦି ୧୫ ଦିନିଆ ନୋଟିସ୍‌ରେ ବନ ବିଭାଗର କୌଣସି କର୍ମଚାରୀ କେହି ଉପସ୍ଥିତ ହୋଇପାରୁନାହାନ୍ତି, ତେବେ ଆଉ ଏକ ତାରିଖ ନିର୍ଦ୍ଧାରଣ କରିବା ସହ ପୂର୍ବ ଚିଠିର ପ୍ରେରଣ ତାରିଖ ଓ ଚିଠି ନମ୍ବର ଉଲ୍ଲେଖ କରନ୍ତୁ ।

### ☞ପ୍ରାଥମିକ ବିବରଣୀ କ'ଣ ଓ ଏହାକୁ କିପରି ଓ କାହିଁକି ପ୍ରସ୍ତୁତ କରାଯିବ ?

ଜଙ୍ଗଲ ଅଧିକାର ସ୍ୱୀକୃତି ନିୟମ ୨୦୦୭ର ୧୧(୨), (୩), (୪) ଓ (୫) ରେ ଉଲ୍ଲେଖ କରାଯାଇଛି ଯେ, ଜଙ୍ଗଲ ଅଧିକାର କମିଟି ଯାଞ୍ଚ କରିବା ପୂର୍ବରୁ ଗ୍ରହଣ କରିଥିବା ଦାବୀପତ୍ରଗୁଡ଼ିକୁ ନେଇ ଏକ ବିବରଣୀ ପ୍ରସ୍ତୁତ କରିବ ଓ ଉକ୍ତ ବିବରଣୀକୁ ଆଧାର କରି ଯାଞ୍ଚ କରିବ ଓ ଯାଞ୍ଚ ସମୟରେ ତଥ୍ୟକୁ ଆଧାର କରି ଏକ ବିବରଣୀ ପ୍ରସ୍ତୁତ କରି ଗ୍ରାମସଭାର ଅନୁମୋଦନ ନିମନ୍ତେ ଉପସ୍ଥାପନ କରିବ । ରାଜ୍ୟ ସରକାର ଇତି ମଧ୍ୟରେ ଏକ ସାରଣୀ ପ୍ରସ୍ତୁତ କରିଛନ୍ତି, ଯାହାର ଏକକିତା ନକଲ ପରବର୍ତ୍ତୀ ପୃଷ୍ଠାରେ ସଂଲଗ୍ନ କରାଯାଇଅଛି । ଏହି ସାରଣୀ "ଜଙ୍ଗଲ ଅଧିକାର ଦାବୀର ରେଜିଷ୍ଟର" ନାମରେ ନାମିତ କରାଯାଇଅଛି ।

ଏହାର ଦୁଇଟି ଭାଗ ରହିଛି । ପ୍ରଥମଭାଗରେ ରାଜସ୍ୱ ଓ ବନଖଣ୍ଡର ବିବରଣୀ ସଂପର୍କରେ ସୂଚିତ କରିବା ପାଇଁ ଉଲ୍ଲେଖ କରାଯାଇଥିବା ବେଳେ ଦ୍ୱିତୀୟ ଭାଗରେ ଦାବୀଦାର୍ ଓ ତାଙ୍କ ଦାବୀ ସଂପର୍କରେ ସୂଚିତ କରିବା ପାଇଁ ଉଲ୍ଲେଖ ହୋଇଛି । ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଏହି ସାରଣୀକୁ ଦାବୀ ଯାଞ୍ଚର ପୂର୍ବ ଓ ପରବର୍ତ୍ତୀ କାର୍ଯ୍ୟ ନିମନ୍ତେ ବ୍ୟବହାର କରି ହେବ । ଦ୍ୱିତୀୟଭାଗ ସାରଣୀରେ ମୋଟ ୧୫ଟି ସ୍ତମ୍ଭ ରହିଛି । ତନ୍ମଧ୍ୟରୁ ପ୍ରଥମ ୧୧ଟି ସ୍ତମ୍ଭକୁ (୧ ଡାରୁ ୧୧ ପର୍ଯ୍ୟନ୍ତ) ଓ ୧୫ ନମ୍ବର ଦାବୀଦାରଙ୍କ ନିକଟରୁ ଦାବୀପତ୍ର ପାଇବା ପରେ ପୂରଣ କରି ହେବ । କେବଳ କାରଣ ପ୍ରଥମ ୧୧ଟି ସ୍ତମ୍ଭ ନିମନ୍ତେ ଆବଶ୍ୟକୀୟ ସୂଚନା ଦାବୀଦାର୍ଙ୍କ ଦ୍ୱାରା ଦାଖଲ ହୋଇଥିବା ଫର୍ମରେ ଉଲ୍ଲେଖିତ ଅଛି ।

| ସାରଣୀର ଦ୍ୱିତୀୟ ଭାଗରେ ଆବଶ୍ୟକୀୟ ସୂଚନା | ଦାବୀଦାର୍ଙ୍କ ଦ୍ୱାରା ଦାଖଲ କରାଯାଇଥିବା ଫର୍ମ – 'କ' ର କେଉଁଠାରେ ଉକ୍ତ ସୂଚନା ରହିଛି ? |
|---|---|
| ସ୍ତମ୍ଭ - ୧ : କେସ୍ ନଂ | ଆପଣ ଏଠାରେ କ୍ରମାନ୍ୱୟ ନଂ ପକାନ୍ତୁ ଓ ଉକ୍ତ ନମ୍ବରକୁ ଦାବୀଦାର୍ଙ୍କ ଦାବୀପତ୍ର ଉପରେ ଉଲ୍ଲେଖ କରନ୍ତୁ ଅବା ଦାବୀଦାର୍ଙ୍କୁ ଯେଉଁ ପ୍ରାପ୍ତି ସ୍ୱୀକାର ରସିଦ୍ ଦେଇଛନ୍ତି, ଉକ୍ତ ରସିଦ୍ର କ୍ରମିକ ନମ୍ବର ମଧ୍ୟ ଉଲ୍ଲେଖ କରିପାରିବେ । |
| ସ୍ତମ୍ଭ - ୨ : ଦାବୀଦାରଙ୍କ (ମାନଙ୍କ) ନାମ | ଫର୍ମ 'କ'ର ୧ ନମ୍ବରକୁ ଦେଖନ୍ତୁ |
| ସ୍ତମ୍ଭ - ୩: ଲିଙ୍ଗ | ଫର୍ମ 'କ'ର ୧ ନମ୍ବରକୁ ଦେଖନ୍ତୁ |
| ସ୍ତମ୍ଭ - ୪: ବୟସ | ଯଦିଓ ଫର୍ମ 'କ'ରେ ଏ ସଂପର୍କରେ ସୂଚନା ନାହିଁ, ଆପଣ ଫର୍ମ ଗ୍ରହଣ ସମୟରେ ପଚାରି ଲେଖନ୍ତୁ |
| ସ୍ତମ୍ଭ - ୫: ଦାବିଦାରଙ୍କ ସହିତ ସଂପର୍କ | ଫର୍ମ 'କ'ର ୨ ନଂ ଓ ୧୦ ନମ୍ବରକୁ ଦେଖନ୍ତୁ |
| ସ୍ତମ୍ଭ - ୬: ପିତାଙ୍କ ନାମ | ଫର୍ମ 'କ'ର ୩ ନମ୍ବରକୁ ଦେଖନ୍ତୁ |
| ସ୍ତମ୍ଭ - ୭: ମାତାଙ୍କ ନାମ | ଫର୍ମ 'କ'ର ୩ ନମ୍ବରକୁ ଦେଖନ୍ତୁ |
| ସ୍ତମ୍ଭ - ୮: ଆଦିବାସୀ / ଅନ୍ୟାନ୍ୟ ପାରମ୍ପରିକ ବନବାସୀ | ଫର୍ମ 'କ'ର ୯ ନମ୍ବରକୁ ଦେଖନ୍ତୁ |
| ସ୍ତମ୍ଭ - ୯: ବିବାହିତ /ଅବିବାହିତ | ଫର୍ମ 'କ'ର ୨ ନଂକୁ ଦେଖିଲେ ଜଣାପଡ଼ିଯିବ |
| ସ୍ତମ୍ଭ - ୧୦: ଦାବିର ପ୍ରକାର | ଫର୍ମ 'କ'ର 'ଜମି ଉପରେ ଦାବୀର ସ୍ୱରୂପ ଅଧିନରେ ଥିବା ୧ ନମ୍ବର ର କ ଓ ଖ ଦେଖନ୍ତୁ |
| ସ୍ତମ୍ଭ - ୧୧: ଦାବି କରିଥିବା ଜମିର ପରିମାଣ | ଫର୍ମ 'କ'ର 'ଜମି ଉପରେ ଦାବୀର ସ୍ୱରୂପ ଅଧିନରେ ଥିବା ୧ ନମ୍ବର ର କ ଓ ଖ ଦେଖନ୍ତୁ |
| ସ୍ତମ୍ଭ - ୧୫: ପ୍ରମାଣପତ୍ରର ବିବରଣୀ | ଫର୍ମ 'କ'ର ' ୮ ନମ୍ବରରେ ଦେଖନ୍ତୁ |

ଉପରୋକ୍ତ ୧୨ଟି ସ୍ତମ୍ଭ ପୂରଣ ହେବା ପରେ ପ୍ରାଥମିକ ବିବରଣୀ ପ୍ରସ୍ତୁତ । ଉକ୍ତ ପ୍ରାଥମିକ ବିବରଣୀର ଏକକିତା ନକଲ ବନବିଭାଗକୁ ଯାଞ୍ଚ ପୁର୍ବର ନୋଟିସ୍ ସହ ସଂଲଗ୍ନ କରି ପଠାନ୍ତୁ । ଯାଞ୍ଚ ପରେ ୧୨, ୧୩ ଓ ୧୪ ନମ୍ବର ସ୍ତମ୍ଭକୁ ପୂରଣ କରନ୍ତୁ । ୧୨ ନମ୍ବର ସ୍ତମ୍ଭର ବିବରଣୀ ଆପଣ ରାଜସ୍ୱ ଗାଁ ମାନଚିତ୍ରରୁ ପାଇପାରିବେ । ସେହିପରି ୧୪ ଓ ୧୫ ନମ୍ବର ସ୍ତମ୍ଭର ସୂଚନା ଜଙ୍ଗଲ ବିଭାଗ କର୍ମଚାରୀଙ୍କ ଠାରୁ ପାଇପାରିବେ । ଯଦି ଦାବୀଦାରଙ୍କ ଚାଷ ଅବା ବାସ ସ୍ଥାନ ସଂରକ୍ଷିତ ଅବା ରକ୍ଷିତ ଜଙ୍ଗଲ ମଧ୍ୟରେ ଆସୁଥାଏ, ତାହାହେଲେ ଯାଞ୍ଚ ସମୟରେ ଉପସ୍ଥିତ ଥିବା ବିଭାଗୀୟ କର୍ମଚାରୀଙ୍କୁ ପଚାରି ପୂରଣ କରନ୍ତୁ । ଯଦି ଉକ୍ତ ସ୍ଥାନ ରାଜସ୍ୱ ଗାଁର ସୀମା ମଧ୍ୟରେ ଥାଏ, ତାହାହେଲେ

ଯାଞ୍ଚ ସମୟରେ ରାଜସ୍ୱ ମାନଚିତ୍ରରୁ ଜାଣିପାରିବେ । ରାଜସ୍ୱ ମାନଚିତ୍ର ଆପଣ ବିନା ପଇସାରେ ନିକଟସ୍ଥ ତହସିଲ୍ ଅଫିସ୍‌ରୁ ଅବା ଆର୍.ଆଇଙ୍କ ଅଫିସ୍‌ରୁ ପାଇପାରିବେ । ବିନା ଦେୟରେ ଯୋଗାଇ ଦେବା ପାଇଁ ରାଜସ୍ୱ ସଚିବ ଚିଠି ମାଧ୍ୟମରେ ସମସ୍ତ କାର୍ଯ୍ୟାଳୟକୁ ଜଣାଇଛନ୍ତି ।

ଯାଞ୍ଚ ସମୟରେ ମଧ୍ୟ ଦାବୀଦାର୍‌ଙ୍କ ଦ୍ୱାରା ଦିଆଯାଇଥିବା ଜମି ର ପରିମାଣରେ ଫରକ୍ ଆସିପାରେ । ତେଣୁ ଯାଞ୍ଚ ସମୟରେ ଦାବୀଦାର୍‌ଙ୍କ ସମ୍ମୁଖରେ ତାହାକୁ ମାପି ଆପଣ ସଠିକ୍ ପରିମାଣ ମଧ୍ୟ ପକାଇପାରନ୍ତି । ଯାଞ୍ଚ ପରେ ଆସିଥିବା ତଥ୍ୟକୁ ଆଧାର କରି ଜଙ୍ଗଲ ଅଧିକାର କମିଟି ସାରଣୀରେ ପୂର୍ବରୁ ପୂରଣ କରାଯାଇଥିବା ତଥ୍ୟରେ ସଂଶୋଧନ କରିପାରନ୍ତି । ଏ ସମସ୍ତ କାର୍ଯ୍ୟ ଦାବୀଦାର୍‌ଙ୍କ ଉପସ୍ଥିତିରେ ହେବା ବାଞ୍ଛନୀୟ ।

# ଜଙ୍ଗଲ ଅଧିକାର ଦାବୀର ରେଜିଷ୍ଟର

ରାଜ୍ୟର ନାମ –

## ରାଜସ୍ୱ ଡିଭିଜନ

ଜିଲ୍ଲାର ନାମ –

ତାଲୁକା ର ନାମ –

ପଞ୍ଚାୟତର ନାମ –

ଗ୍ରାମର ନାମ –

ବସତି / ପଡ଼ାର ନାମ –

## ଜଙ୍ଗଲ ଡ଼ିଭିଜନ

ଜଙ୍ଗଲ ଡିଭିଜନ ର ନାମ –

ଜଙ୍ଗଲ ରେଞ୍ଜ ର ନାମ –

ଜଙ୍ଗଲ ରାଉଣ୍ଡ ର ନାମ –

ଜଙ୍ଗଲ ବିଟ୍ ର ନାମ –

| କେସ୍ ନଂ | ଦାବିଦାର / ଦାବିଦାର ମାନଙ୍କ ନାମ | ଲିଙ୍ଗ (ପୁରୁଷ / ସ୍ତ୍ରୀ) | ବୟସ | ଦାବିଦାରଙ୍କ ସହିତ ସମ୍ପର୍କ କ୍ରମିକ ନଂ – ୧ ଅନୁଯାୟୀ | ପିତାଙ୍କ ନାମ | ମାତାଙ୍କ ନାମ | ଆଦିବାସୀ / ଅନ୍ୟାନ୍ୟ | ବିବାହିତ / ଅବିବାହିତ | ଦାବି | | ଜଙ୍ଗଲ | | | ଦାବି ସମ୍ବନ୍ଧୀୟ |
|---|---|---|---|---|---|---|---|---|---|---|---|---|---|---|
| | | | | | | | | | ଦାବିର ପ୍ରକାର (ନିଜର ଚାଷଜମ/ ଘରବାରି) | ଦାବି କରିଥିବା ଜମିର ପରିମାଣ (ହେକ୍ଟର ରେ) | ସର୍ଭେ ନମ୍ବର | କମ୍ପାର୍ଟମେଣ୍ଟ | କୂପ | ପ୍ରମାଣପତ୍ରର ବିବରଣୀ |
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| | | | | | | | | | | | | | | |
| | | | | | | | | | | | | | | |
| | | | | | | | | | | | | | | |
| | | | | | | | | | | | | | | |
| | | | | | | | | | | | | | | |
| | | | | | | | | | | | | | | |
| | | | | | | | | | | | | | | |